# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**19 July – 2025**

**************************************************

# କାମଧେନୁ ଯୋଜନା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ କଟକ ଗୋବିନ୍ଦପୁରସ୍ଥିତ ଅରିଲୋ ଠାରେ ବିଭିନ୍ନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ । ଏଥିରେ ୨୨ଟି ଦୁଗ୍ଧ ପରିବହନ ଯାନ, ଦୁଗ୍ଧ ଗୁଣ୍ଡ ମେସିନ୍‌ର ଶୁଭାରମ୍ଭ ଓ ୬୨ଟି ଓମ୍‌ଫେଡ୍ ଆବାସିକ ପରିସରର ଉଦ୍‌ଘାଟନ କରାଯିବ । କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମଧ୍ୟ ଉପସ୍ଥିତ ରହିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

# ଉପମୁଖ୍ୟମନ୍ତ୍ରୀ-ଶକ୍ତି ନୀତି

ଭୁବନେଶ୍ୱରରେ ଓଡ଼ିଶା ଶକ୍ତି ପରିବର୍ତ୍ତନ ନୀତି ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କର୍ମଶାଳାକୁ ଉଦ୍‌ଘାଟନ କରି କହିଛନ୍ତି, ଜାତୀୟ ଶକ୍ତି ନୀତି ପରିବର୍ତ୍ତନରେ ଓଡ଼ିଶା ନେତୃତ୍ୱ ନେଉଛି । ଏହି ନୀତି ନବସୃଜନ ଓ ପ୍ରଗତିକୁ ଆଗେଇ ନେବା ପାଇଁ ସହାୟକ ହୋଇଛି ବୋଲି ଶ୍ରୀ ସିଂହଦେଓ କହିଛନ୍ତି ।

# କଟକ ସାଂସଦ-ମୁଖ୍ୟମନ୍ତ୍ରୀ

କଟକ ସାଂସଦ ଭର୍ତ୍ତୃହରି ମହତାବ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି କଟକ ସଂସଦୀୟ କ୍ଷେତ୍ରର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ

ଉପରେ ଆଲୋଚନା କରିଛନ୍ତି । ବୈଠକରେ କଟକ ସହରର ଓଏମ୍‌ପି ଅଞ୍ଚଳରେ ଭେଣ୍ଡିଂଜୋନ୍, ଏକ ବୃହତ୍ ସମ୍ମିଳନୀ କକ୍ଷର ସ୍ଥାପନ, ରାଣୀହାଟ ଅଞ୍ଚଳର ଉନ୍ନତିକରଣ ଓ ପ୍ରେସ୍‌ଛକ ଅଞ୍ଚଳରେ ଏକ ପାର୍କ ନିର୍ମାଣ ଆଦି ସଂପର୍କରେ ଆଲୋଚନା ହୋଇଥିଲା । ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଟକର ଉନ୍ନତିମୂଳକ କାର୍ଯ୍ୟ ପାଇଁ ଉପଯୁକ୍ତ ପଦକ୍ଷେପ ନେବା ତଥା ପ୍ରତ୍ୟେକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ସଚିବଙ୍କୁ ପରାମର୍ଶ ଦେଇଛନ୍ତି ।

## ସୁଶାସନ ଅଭ୍ୟାସ ସମ୍ମିଳନୀ

କେନ୍ଦ୍ର ପ୍ରଶାସନିକ ସଂସ୍କାର ଓ ଜନଅଭିଯୋଗ ବିଭାଗ ଏବଂ ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ମିଳିତ ସହଯୋଗରେ ଭୁବନେଶ୍ୱରରେ ଅନୁଷ୍ଠିତ ସୁଶାସନ ଅଭ୍ୟାସ ସଂପର୍କିତ ସମ୍ମିଳନୀ ଉଦ୍‌ଯାପିତ ହୋଇଛି । ଉଦ୍‌ଯାପନୀ ଅଧିବେଶନରେ ସାଧାରଣ ପ୍ରଶାସନ ଓ ସାଧାରଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ଯୋଗଦେଇ କହିଛନ୍ତି, କୃତ୍ରିମ ବୁଦ୍ଧିମତ୍ତା ସାଂପ୍ରତିକ ଯୁଗରେ ନୂଆ ସମ୍ଭାବନା ଆଣିଛି । ପ୍ରଶାସନିକ କ୍ଷେତ୍ରରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଓ ନାଗରିକ କୈନ୍ଦ୍ରିକ ସେବାକୁ ପ୍ରଶାସନିକ ଅଧିକାରୀମାନେ ଗୁରୁତ୍ୱଦେବା ଆବଶ୍ୟକ ବୋଲି ଶ୍ରୀ କୁମାର କହିଛନ୍ତି ।  ଏହି ସମ୍ମିଳନୀରେ ଦେଶର ବିଭିନ୍ନ ସ୍ଥାନରୁ ୪୦୦ରୁ ଅଧିକ ପ୍ରତିନିଧି ଯୋଗ ଦେଇଥିଲେ ।

## ପୋସ୍ ଆକ୍ଟ

ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ପରିସରରେ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ସହାୟତା ନମ୍ବର ୧-୮-୧ ଉଲ୍ଲେଖ କରିବା ଏବଂ ପୋସ୍ ନିୟମ ୨୦୧୩ ସମ୍ବନ୍ଧରେ ସଚେତନତା କର୍ମଶାଳା ଆୟୋଜନ ପାଇଁ ସମସ୍ତ ଅଧ୍ୟକ୍ଷମାନଙ୍କୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି । କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ଉତ୍ପୀଡନ ଅଧିନିୟମକୁ କଡାକଡି ଭାବେ ପାଳନ କରିବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

## ସଚେତନତା ଶିବିର

ସୁବର୍ଣ୍ଣପୁର ଜିଲ୍ଲାସ୍ଥିତ ଭୀମଭୋଇ ଆଶ୍ରମ ଉଚ୍ଚବିଦ୍ୟାଳୟ ପରିସରରେ ଯୌନ ନିର୍ଯାତନା ନିରୋଧୀ ଆଇନ ସଂପର୍କରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ଉଦ୍ଦିଷ୍ଟ ଆଇନ ତଥା ଯୌନ ନିର୍ଯାତନା ନିରୋଧୀ ଆଇନ ସଂପର୍କରେ ଆଲୋଚନା କରାଯାଇଛି ।

## +୨ ଇନ୍‌ଷ୍ଟାଣ୍ଟ୍ ପରୀକ୍ଷା ଫଳ

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରିଚାଳିତ ଯୁକ୍ତ ଦୁଇ ଇନ୍‌ଷ୍ଟାଣ୍ଟ୍ ପରୀକ୍ଷାଫଳ ପ୍ରକାଶ ପାଇଛି । ଚଳିତବର୍ଷ ପରୀକ୍ଷାରେ ପାସ୍ ହାର ୯୦ ଦଶମିକ ୫/୭ ପ୍ରତିଶତ ରହିଛି । ଜଗତସିଂହପୁର ଜିଲ୍ଲାରେ ଶହେପ୍ରତିଶତ ଛାତ୍ରଛାତ୍ରୀ ପାସ୍ କରିଥିବା ବେଳେ ନୂଆପଡ଼ାରେ ପାସ୍ ହାର ସର୍ବନିମ୍ନ

ରହିଛି । ଚଳିତବର୍ଷ ମୋଟ୍ ୧ ହଜାର ୮ ଜଣ ଇନ୍ଷ୍ଟାଣ୍ଟ୍ ପରୀକ୍ଷା ଦେଇଥିଲେ ।

## ବାଉଁଶ ଚାଷ

ରାଜ୍ୟରେ ବାଉଁଶ ଚାଷକୁ ପ୍ରୋତ୍ସାହନ ଯୋଗାଇବା ଲକ୍ଷ୍ୟ ନେଇ ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥା ପକ୍ଷରୁ ଭୁବନେଶ୍ୱର ଅରଣ୍ୟ ଭବନଠାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ସୁରେଶ ପନ୍ଥ କର୍ମଶାଳାକୁ ଉଦ୍‌ଘାଟନ କରି ବାଉଁଶ ଉତ୍ପାଦ ଗୁଡ଼ିକ ପାଇଁ ଉନ୍ନତ ବଜାର ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । କର୍ମଶାଳାରେ ବାଉଁଶ ଉଦ୍ୟୋଗୀ, ଶିଳ୍ପୀ, କାରିଗର ଓ ଚାଷୀମାନେ ଯୋଗ ଦେଇଥିଲେ ।

## ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ ଜିଲ୍ଲାର ଛତ୍ରପୁର ବ୍ଲକ ଅନ୍ତର୍ଗତ ବଉଳଗାଁ ପଞ୍ଚାୟତରେ ଏକ ସ୍ୱାସ୍ଥ୍ୟଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ୫ଟି ପଞ୍ଚାୟତର ୪୦୦ରୁ ଅଧିକ ରୋଗୀ ପଞ୍ଜୀକରଣ କରି ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ପ୍ରମୋଦ ପୃଷ୍ଟି ଯୋଗଦେଇଥିଲେ ।

## ଲୋକ ଅଦାଲତ

ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ୨୭ ତାରିଖ ରବିବାର ଦିନ ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁରସ୍ଥିତ ଜିଲ୍ଲା ଅଦାଲତ ପରିସରରେ

ଜିଲ୍ଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ । ଏଥିରେ କେବଳ ବିଚାରାଧୀନ ଚେକ୍‌ବାଉନ୍ସ ମାମଲାର ଆପୋଷ ସହମତିରେ ସମାଧାନ କରାଯିବ ବୋଲି ଗଞ୍ଜାମ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି ।

# ଓସିଏ ବୈଠକ

କଟକ ବାରବାଟୀ ଷ୍ଟାଡିୟମସ୍ଥିତ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍‌ର କାର୍ଯ୍ୟାଳୟରେ ଆପେକ୍ସ କାଉନ୍‌ସିଲ୍ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଓସିଏ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା, ଡକ୍ଟର ହରେକୃଷ୍ଣ ମହତାବଙ୍କ ସମ୍ମାନାର୍ଥେ ଏକ ଆବାସିକ କେନ୍ଦ୍ର ସ୍ଥାପନ, କ୍ରୀଡ଼ା ପ୍ରଶିକ୍ଷଣ ନିମନ୍ତେ ଆସୁଥିବା ବାଳିକାଙ୍କ ରହଣି ବ୍ୟବସ୍ଥା ଆଦି ସଂପର୍କରେ ଆଲୋଚନା ହୋଇଥିଲା ।

# ପାଣିପାଗ

ବଙ୍ଗୋପସାଗରରେ ଆସନ୍ତା ୨୨ରୁ ୨୪ ତାରିଖ ମଧ୍ୟରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟରେ ବର୍ଷା ଲାଗି ରହିବ । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୨୦ଟି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।

*******************************************************